# କୋସଲି ସାହିତ୍ୟ ର ଇତିହାସ

# (ଭାଗ- ୧)

**ସାକେତ ସ୍ରିଭୁସଣ ସାହୁ**

## ପରିଚୟ

ମୁନୁସ ଜିବନ ରେ ଭାସା ର କବାର କେତନି । ଇ ଭାସା ହିଁ ମୁନୁସ କେ ଅଲଗା ଜଁତୁ ଠାନୁ ଭିନେ ଆର ବନେ ବଲି ଜନାସି । ମନ ର ଭାବ କେ ଠାର-ନାର ଥି ଜନଉଥିବା ମୁନୁସ ଭାସା ବନାବାର ଲାଗି କେତନି ସମିଆଁ ଆର ମେହନତ କରିଛେ । ମନୁସ କେଭେ ଭାସା ବନାଲା ତାର ସଠିକ ସମିଆଁ ଇହାଦେ ବି କହି ନି ହେବାର । ଫେର କେନ ଭାସା ପହେଲା ବନିଛେ ସେଟା ବି ଜାନବାର ଟା କଠିନ । ତଥାପି ବି ଭାସା ମୁନୁସ ର ଗୁଟେ  ସାଫୁଲ ଉଦଭାବନ । ଭାସା ଗୁଟେ ସଂସ୍କୃତି ର ପରିବାହକ, ଗୁଟେ ଜାତି ଆର ଅଂଚଲ ର ର ପରିଚୟ ଏ ।

ଓଡିସା ର ପସଚିମ ଭାଗ ରେ ଗୁଟେ ସୁରୁତ ଭାସା ଟେ ଚଲସି ତାହାକେ କିଏ ସମଲପୁରି ବଲସି ତ କିଏ କୋସଲି । ମୁଇଁ ବ୍ୟକ୍ତିଗତ ଭାବେ ଇ ଭାସା କେ କୋସଲି ବଲି ଚର୍ଚା କରବାର କେ ଚାହେଁମି । ଆସୁନ ତାର ସାହିତ୍ୟ ଆର ଇତିହାସ ବିସେନେ ଜାନମା ।

ସିରଜିନାର ମୁଲୁ, ଜେଭୁ ଇ ଅଂଚଲ ଅଛେ, ଇନର ଲୋକମାନେ ନିଜର ଭିତରେ  କଥାବାର୍ତା ହେବାର ଲାଗି ଗୁଟେ ଭାସା ବେଭାର କରୁଥିଲେ । ଇ ଅଂଚଲ ଝାର-ଜଂଗଲ, ଡଂଗର-ପର୍ବତ ଥି ଘେରେଇ ହେଇଥିଲା । ଇନ ଆଦିବାସି ମାନେ ରହୁଥିଲେ ।  ବିସେସ କରି ବିଂଝାଲ, ସଁରା, ଗଁଣ ଜାଏତ ବହଲ ହେଇଥିଲେ, ଏଜ ବି ଅଛନ । ଇ ଅଂଚଲ କେ ନଲ, ନାଗ, ସରଭପୁରିଆ, ଚୋଲ, ଗଂଗ, ସୋମବଂସି, କାଲଚୁରି, ଚୁହାନ, ମରାଠା, ଇଂରେଜ ଆଦି ସାସନ କରିଛନ । ସାସକମାନେ ନିଜର ନିଜର ସଂସ୍କୃତି ଆନିଛନ । ଇ ଅଂଚଲର ଲୋକ ଆର ସଂସ୍କୃତି ଥି ସାଂଗେ ମିସେଇଛନ । ଇତାର ବାହାରେ ଅଂଚଲ କେ ଆର ବି ଭିନେ ଭିନେ ଜାଏତ ବାହାରୁ ଆସି ହମିସା ଲାଗି ଇନ ବସି ଜେଇଛନ, ଜେନ୍ତା କୁଇଲତା, ବାମହନ, ଭୁଲିଆ, ଅଘରିଆ ଆଦି । ଇ ଜାଏତ ମାନେ ବି ନିଜର ନିଜର ସଂସ୍କୃତି ଆନିକରି ଅଂଚଲର ସଂକୃତି ଥି ମିସେଇଛନ ।  ଏଜ ଜେନ କୋସଲି ଭାସା ଆମର ସାମନେ ଅଛେ, ସେ ଭାସା ହଜାର ବଛର ର ବିବର୍ତନ ଉତାରୁ ଆଝିର ଇ କିସମେ ଆମର ସାମନେ ଅଛେ ।

ସେକ୍ସପିଅର କର ସମିଆଁର ଇଂରାଜି ଆର ଆଝିରର ଇଂରାଜି ଭିତରେ ଗୁର୍ଦୁ ଫରକ ଅଛେ । ସାରଲା ଦାସ କର ସମିଆଁର ଉଡିଆ ଆର ଆଝିରର ଉଡିଆ ଭିତରେ ବି ଫରକ ଅଛେ । କନ୍ଧ କବି ଜୁଗ ଦାସଂକର କୋସଲି ଆର ଆଝିରର କୋସଲି ଭିତରେ ବି ଫରକ ଅଛେ ।

ଆମେ କହିପାରମା ଜେ, କୋସଲି ଗୁଟେ ପ୍ରାଚିନ ଭାସା । ଏଜ କୋସଲି ବଡେଟେ ଜାକର ଇଲାକା ନ ବେଭାର ହେସି । ଇହାଦେ ର ଉଡିସା ର ସୁନ୍ଦରଗଡ, ଝାରସୁଗୁଡା, ସମଲପୁର, ବରଗଡ, ଦେବଗଡ, ବଲାଂଗିର, ସୋନପୁର, କଲାହାଣ୍ଡି, ନୁଆଁପଡା, ବୌଦ, ଫୁଲାବାଣି ଆର ଉତର କୋରାପୁଟ ଅଂଚଲ, ଦେଭୋଗ ର ପୁରୁବ ଭାଗ, ଫୁଲଝର, ରାଏଗଡ, ସାରଂଗଗଡ, ନୁ ଜସପୁର ତକ ସବୁ ନ କୋସଲି ଫି ଦିନିଆଁ କବାରେ ବେଭାର ହେସି ।

ଭାସାବିତ ମାନକର ହିସାବେ କୋସଲି ଗୁଟେ ଇଣ୍ଡୋଆର୍ଯନ (Indo-Aryan) ଭାଷା । ଇତାକେ ପୁର୍ବି ହିନ୍ଦି ବିଭାଗର ଭାଷା ମାନକର ସାଂଗେ ରଖା ହେଇଛେ । ପୁର୍ବି ହିନ୍ଦି ବିଭାଗର ବାକି ଭାଷାମାନେ ହେଲେ ଅବଧି, ବଘେଲି, ଛତିସଗଡି ଆର କୋସଲି ।

ସରକାରି ହିସାବେ ଓଡିସାର ୪.୨ କୋଟି ନୁ ଇହାଦେ ପ୍ରାୟ ୨ କୋଟି ଲୋକ କୋସଲି କେ ନିଜର ମାତୃଭାସା ମାନସନ । କୋସଲି ଥି ଭିନ ଭିନ ବିଭାଗ ର ଉଁଚା ଦର୍ଜା ର ସାହିତ୍ୟ ଲେଖା ଚାଲିଛେ । ରାମାୟଣ, ମହାଭାରତ, ଗିତା, ଭାଗବତ, କୋସଲି ଅଭିଧାନ, ଆର ମେଘଦୁତ ଆଦି ଭିନେ ଭିନେ ଗ୍ରନ୍ଥାବଲି ମହାକବ୍ୟ ଅନୁବାଦିତ ହେଇସାରିଛେ । ଫି ଦିନ ରେଡିଓ ଆର ଦୁରଦର୍ସନ ମାନକୁ ଭିନ ଭିନ କାର୍ଜ୍ୟକ୍ରମ ପ୍ରସାରିତ ହେସି ।

**ସରକାରି ଥିତି**

୨୦୦୩ ମସିହାରେ କେନ୍ଦ୍ର ସରକାରଂକର ନିର୍ଦ୍ଦେସରେ ସୀତାକାନ୍ତ ମହାପାତ୍ରଂକର ଅଧ୍ୟକ୍ଷତାରେ ଗୁଟେ କମିସନ ଗଠନ ହେଇଥିଲା । ମହାପାତ୍ର କମିସନ ୨୦୦୪ରେ ତାର ରିପୋଟ ଦେଇଥିଲା । ମହାପାତ୍ର କମିସନ କୋସଲି ସାଂଗେ ଆର ୩୭ଟା ଭାସାକେ ସମ୍ବିଧାନର ଅସ୍ଟମ ସୁଚିରେ ସାମିଲ କରବାର ଲାଗି ମତ ଦେଇଥିଲେ । କୋସଲି ଭାସା ଭାରତ ର ସମ୍ବିଧାନ ର ଅସ୍ଟମ ସୁଚି ରେ ସାମିଲ ହେବାର ଲାଗି ବିଚାରଧିନ ଥିବା ବେଲକେ ତାର ସାମ୍ବିଧାନିକ ମାନ୍ୟତା ଲାଗି ଜୋରଦାର ଉଲଗୁଲାନ ଚାଲିଛେ ।

ରେଜିସ୍ଟ୍ରାର ଅଫ ନ୍ୟୁଜପେପରସ ଫର ଇଣ୍ଡିଆ ତାର ଭାସା ତାଲିକା ରେ ବି ୨୦୧୨ ନୁ ଠାନ ଦେଇ ସାରିଛେ । ଆଘୋନୁ ତାଲିକାରେ ଓରି-କୋସଲି ଦେଖଉଥିଲା, ଇହାଦେ ଅଗବାର କୋସଲି ଦେଖାସି ।

୧/୩/୨୦୧୪ ରେ ଓଡିଶାର ମୁଖ୍ୟମଂତ୍ରି ନବିନ ପଟନାଏକ, କୋସଲି ଭାସାକେ ଅସ୍ଟମ ସୁଚିରେ ସାମିଲ କରବାର ଲାଗି କେନ୍ଦ୍ର ଗୃହ ମଂତ୍ରି ସୁସିଲ ସିନ୍ଧେଂକୁ ସିଫାରିସ କରିଥିଲେ । ୨୦୧୪ର ସାଧାରଣ ଭୋଟ ଉତାରୁ କେନ୍ଦ୍ରରେ ସରକାର ବଦଲି ଗଲା । ନୁଆଁ ସରକାର କେ ଫେର ଥରେ ୧୪/୭/୨୦୧୫ରେ ସିଫାରିସ ଚିଠି ଲେଖିଥିଲେ ।

ଇହାଦେ କୋସଲି ଭାସା ଥି ସମଲପୁର ୟୁନିଭର୍ସିଟି ଗୁଟେ ପିଜି-ଡିପ୍ଲୋମା କୋର୍ସ ପଢାହଉଛେ ଆର ହଲଧର ଆବାସିକ ବନବିଦ୍ୟାଲୟ, କୁଦୋପାଲି ନ ପ୍ରାଥମିକ ସ୍ତରରେ ପଢାହେସି ।

# ଚର୍ଯ୍ୟାଗିତି: କୋସଲି ର ପହେଲା ଲିଖିତ ସାହିତ୍ୟ

କୋସଲି ଭାସା ର ଲିଖିତ ସାହିତ୍ୟ କେଭେ ନୁ ପହେଲା କରି ହେଇଛେ କହେବାରଟା ବଡା କଠିନ ଏ । ହେଲେ କୋସଲି କେ ପଢଲା ବେଲକେ ଆସରିଜ ହେବାରକେ ପଡସି ଜେ ବଂଗାଲି ପଣ୍ଡିତ ହରପ୍ରସାଦ ସାସ୍ତ୍ରି ୧୯୧୭ରେ ନେପାଲ ନୁ ପାଇଥିବା ଚର୍ଜ୍ୟାଗିତି ଥି କେତନି କେତେ କୋସଲି ସବ୍ଦ ଅବିକଲ ବେଭାର ହେସି । ଚର୍ଜ୍ୟାଗିତି ରେ ଥିବା ବୌଧଗାନ ଆର ଦୋହା କେ ଭାସାବିତ ମାନେ ୭ମ ଆର ୮ମ ସତାବ୍ଦି ଭିତରେ ଲେଖା ହେଇଥିବାର ଅନୁମାନ କରସନ ।

ଇହାଦେ ର ପସଚିମ ଓଡିସା ର ଭିନେ ଭିନେ ଠାନେ ୨ୟ ନୁ ୮ମ ସତାବ୍ଦି ତକ ଭିନ ଭିନ ଠାନେ ବୌଧ ଧର୍ମ ବନେ ଫଏଲିଥିଲା । ବୌଦ୍ଧ ଧର୍ମ ର ସିଦ୍ଧମାନେ ଚର୍ଯ୍ୟାପଦ କବିତା ଲେଖୁଥିଲେ । ଚର୍ଯ୍ୟାପଦ ଗେବାର ଲାଗି ଲେଖା ହଉଥିଲା । ଚର୍ଯ୍ୟାପଦ ସାହିତ୍ୟ "ସନ୍ଧ୍ୟା ଭାସା" ବଲି ଗୁଟେ ରୁପକ (metaphor) ଦେଇକରି ଲେଖା ହଉଥିଲା । ଚର୍ଯ୍ୟାଗିତି ଥି ସେ ସମିଆଁ ର ସମାଜ ର ବର୍ଣ୍ଣନ ଅଛେ । ଭିନେ ଭିନେ ଚରିତ୍ରମାନକର କଥା ଲେଖା ହେଇଛେ । ଜେନ୍ତା ସିକାରି, ଡଂଗାବାଲା, କୁମହାର, ଭୁଲିଆ, କାଠରିଆ ଆଦି । ବେସ୍ୟାମାନକର କଥା ଲେଖା ହେଇଛେ ହେଲେ ଚାସିମାନକର କଥା ନେଇଁନ । ଚର୍ଯ୍ୟାଗିତି ତଂତ୍ର ପରଂପରା ବଜ୍ରଜାନ ର ସିଦ୍ଧକବି ମାନକର ରହସ୍ୟବାଦି କବିତା ଏ । ଇ କବିତାମାନେ ଗୁଟେ ସିଦ୍ଧ ପ୍ରବୃଦ୍ଧ ଅନୁଭୁତି ର ଏକସରଲଗ ବର୍ଣ୍ଣନ ଏ । ଇ ଚର୍ଯ୍ୟାପଦ ସାହିତ୍ୟ ଥି କବି ବା ସିଦ୍ଧ ମାନକର ନାଁ ପହିଲ ପଦେ ଲେଖା ହେଇଥିସି ଆର ସେମାନକର ନାଁ ଅନସାରେ, ଜେନ୍ତା କାହ୍ନୁ ସିଦ୍ଧକର କାହ୍ନୁପଦ, ଲୁଇ ସିଦ୍ଧ କର ଲୁଇପଦ, ଭୁସକୁ ସିଦ୍ଧକର ଭୁସକୁପଦ, ସବର ସିଦ୍ଧକର ସବରପଦ, ଡମ ସିଦ୍ଧକର ଡମପାଦ ଆଦି ହଉଛେ ଭିନେ ଭିନେ ଚର୍ଯ୍ୟାଗିତି । ଚର୍ଯ୍ୟାଗିତି ର ଭାସା ପ୍ରାକୃତ ଆର ବୁଦ୍ଧ ଧର୍ମ ର ପ୍ରଚାର-ପ୍ରସାର ବିସେସ କରି ସେ ସମିଆଁ ଥି ସେଠାନ ର ପ୍ରାକୃତ ଭାସା ବେଭାର କରୁଥିଲେ । ଚର୍ଯ୍ୟାଗିତି ଇହାଦେ ର କୋସଲି ସାଂଗେ ବନେ ମେଲ ଖାଏସି:

**ଏକୁସୋ ପଦୁମୋ ଚୌସଠି ପାଖୁଡି**
**ତହିଁ ଚଢି ନାଚୋ ଡୋମ୍ବି ବାପୁଡି ।** - *କାହ୍ନୁପା*

ଏକୁସୋ - ଏକୁସ, ପଦୁମୋ - ପଦମ, ଚୌସଠି - ଚୌସଠି, ପାଖୁଡି - ପାଖୁଡା, ତହିଁ - ତେହିଁ, ଚଢି - ଚଢି, ନାଚୋ - ନାଚ, ଡୋମ୍ବି - ଡମ (ସୁଦ୍ର ଜାତିର ମାହେଜି), ବାପୁଡି - ବୁପରି ।

**ହଲି ଡୋମ୍ବି ତୋତେ ପୁଚ୍ଛମି ସଦଭାବେ**
**ଇସିସି ଜସି ଡୋମ୍ବି ନବେ ।** - *କାହ୍ନୁପା*

ପୁଚ୍ଛମି - ପଚରାମି, ସଦଭାବେ - ସୁଦଭାବେ ।

**ନଗର ବାହାରେ ଡୋମ୍ବି ତୋହରି କୁଡିଆ**
**ଛୋଇଛୋଇ ଜାହ ସୋ ବ୍ରାହ୍ମଣ ନାଡିଆ ।** - *କାହ୍ନୁପା*

ବାହାରେ - ବାହାରେ, ସୋ - ସେ ( କଲାହାଁଡି ଅଂଚଲ ର ଡମ ଭାସା),ଜାହ - ଜାଏ ( କଲାହାଁଡି ଅଂଚଲ ର ଡମ ଭାସା)

**ଅଂଘଣ ଘରପଣ ସୁନ ଭି ବିଆତି**
**କାନେଟ ଚୋରେ ନିଲ ଅଧରାତି ।** - *କୁକକୁରି ପାଦ*

ବିଆତି - ବିହାରି ମାହେଜି ( କଲାହାଁଡି ଅଂଚଲ ର ଡମ ଭାସା)

**ହେରି ସେ କାହ୍ନି ନିଆଡଇ ଜିନଉର ବଟଇ**
**ଭଣଇ କାହ୍ନୁ ମୋହି ଅହି ନ ପଇସଇ ।** - *କାହ୍ନୁପା*

ହେରି - ଡୁଂଗି /ଡୁଂଗବାର ( କଲାହାଁଡି ଅଂଚଲ ର ଡମ ଭାସା)

**ଉଁଚା ଉଁଚା ପାବତ ତହିଁ ବସଇ ସବରି ବାଲି -** ***ସାରହପା***

ଉଁଚା - ଉଚା

**ଚିଅ ଧାଉ ଖାଟ ପାଡିଲା ସବରୋ ମହାସୁଖ ସେଜି ଛାଇଲି**
**ସବରୋ ଭୁଜଂଗ ତାଇରାମଣି ଦାରି ପେକଖି ରାତି ପୋହାଇଲି ।** ***-ସାରହପା***

ଖାଟ - ଖଟ, ଛାଇଲି - ଛିଆଁବାର, ଦାରି - ବେସ୍ୟା

ବାମ ଦାହିଣ ଚାପି ମିଲି ମିଲି ମାଂଗା
ବାଟ ତ ମିଲିଲ ମହାସୁଖ ସାଂଗା ।- ***କମ୍ବଲାମର***

ମାଂଗା – ମାଗବାର ( କଲାହାଁଡି ଅଂଚଲ ର ଡମ ଭାସା), ବାଟ – ବାଟ

**ନାଡି ସକ୍ତି ଦିଢ ଧରିଅ ଖଟେ**
**ଅନାହା ଡମରୁ ବାଜଇ ବିର ନାଦେ । – *କାହ୍ନୁପା***

ଦିଢ – ବରକସ ( କଲାହାଁଡି ଅଂଚଲ ର ଡମ ଭାସା), ଅନାହା– ଦେଖ, ଡମରୁ– ଡମରୁ

**ବାମ ଦହିଣ ଜୋ ଖାଲ ବିଖାଲା**
**ସରହ ଭଣଇ ବାପା ଉଜ ବାଟ ଭାଇଲା । – *ସାରହପା***

ଜୋ – ଜେନ, ଖାଲ – ଖାଲ, ଉଜ – ଉଁଝ୍ୟା/ଭିନେ/ଅଲଗା, ଭାଇଲା – ଫବଲା

**କୁଲ ଲଉଖର ସୋନ୍ତେ ଉଜାଅ**
**ସରହ ଉନୈ ଗଅଣେଂ ସମାଅ । – *ସାରହପା***

ଲଇ– ଲହଁକିବାର, ଉଜାଅ – ଅଜେଇ ହେବା/ଖଣି ଲାଗବା, ସମାଅ – ପସ/ପସାବାର

ଏନ୍ତା କେତନି ସବ୍ଦ ଚର୍ଯ୍ୟାପଦ ନୁ ଦେଖବାର କେ ମିଲସି । ଚର୍ଯ୍ୟାଗିତି ର ଉତାଉତି କୋସଲି ଥି ଜେନ ବଡେଟେ ସଂବୃଦ୍ଧ ସାହିତ୍ୟ ରଚନା ହେଇଥିଲା ସେଟା ହଉଛେ ଡଁଡ ।

## ଡଁଡ

ଅସ୍ଟମ–ନବମ ସଦି ଆଡକେ ଇନ୍ଦ୍ରଭୁତିଂକର ବୁହେନ ଲକ୍ଷ୍ମିଂକରା (ସୋନପୁର ରଜା ଜଲେନ୍ଦ୍ରକର ବହ)କର ସହଜତଂତ୍ର ସାଧାରଣ ଲୋକକୁ ପସନ ଆସୁଥିଲା ଆର ବୌଧ ଧର୍ମ ର ପ୍ରଚାର–ପ୍ରସାର ବନେ ଜୋର ଧରିଥିଲା । ସେଥିର ଲାଗି ସୈବ ଧର୍ମ ର ପ୍ରଚାର–ପ୍ରସାର ଲାଗି ସୈବ ଧର୍ମ ଉପାସନା କରୁଥିବାର ସୋମବଂସି ରଜାମାନେ ଡଁଡ ନାଟ ର ମୁଳ କରାଲେ ।

ଡଁଡ ଦଲ ମାନେ ପହିଲ କରି ସୋନପୁର ରାଏଜ ର ଗାଁ ଗାଁ ବୁଲି ବୁଲି ସିବ–ପାର୍ବତି ପୁଜା ସାଂଗେ ନାଟ କଲେ । ଡଁଡ ର ପହେଲା ରୁପ ଟା ସୁହ୍ଲୁ ସୁଆଂଗ ଡଁଡ ଥିଲା । ସେଥି ସହଜଜାନ ବି ମେସିଥିଲା ଜେହେତୁ ତଂତ୍ର ସାଧନା ଟା ସାଧାରଣ ଲୋକର ଭିତରେ ଫଏଲି ସାରିଥିଲା ନ ।

ଚଇତ ମସିଆ ଖରାଥି ମିନ ସଂକ୍ରାନ୍ତିରୁ ବିସୁବ ସଂକ୍ରାନ୍ତି ତକ ଡ଼ଁଡୁଆମାନେ ଉପାସବଲାକରି ସହ ସହ ଛତର ବୈରଖ ଆର ସିବ ପାର୍ବତି, ଦକ୍ଷିଣ କାଲିଙ୍କୁ ଧରି କରି ବାହାରି ପଡ଼ସନ । ଡଁଡ ପରଂପରା ରେ ତିନଟା ଡଁଡ ଦେଖବାର କେ ମିଲସି (୧) ଧୁଏଲ ଡଁଡ (୨) ପାଏନ ଡଁଡ ଆର (୩) ଡଁଡ । ଡଁଡ ଥି ବିସେସକରି ଧର୍ମ ର ସୁରଖ୍ୟା, ସାଂସ୍କୃତିକ ଜାଗରଣ, ପୁରୁସ–ପ୍ରକୃତିବାଦ, ସଂଜମ, ନିସ୍ଥା, ମନୋରଂଜନ କେ ଜୋର ଦେସନ । ସୁହ୍ଲୁ ସୁଆଂଗ ଡଁଣ ର ଭୁତନାଥ ଚରିତ୍ର ର ଗିତ ପଦେ:

ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ । (ଘୁସା)

ମାଲଖମ ବୁପରା ବଏଲା ଜେ ରେ ମୁଇଁ ତ ମଁଝିଆ ଭାଇ
ଇଆଡ–ସେଆଡ ହେଲେ ଢେଁକି ଦଉଥିସିଁ ସଲଖେଇ । ୧ ।

ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

କୁଲା ବୁପରା ବଏଲା ଜେ ରେ ମୁଇଁ ତ ଭରକା ଟୁଣା
ପାଛରି କରି  ବାରି ଦେସିଁ ଜେତକି ଖୁଦକୁଣା । ୨ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

ବାଉନ ବୁପରି ବଏଲା ଜେ ରେ ମୁଇଁ ତ ଛିତକି ମୁଡି
ସଁକଲି ବୁଟଲି ଧାନ ଚଉଲ ଦଉଥିସିଁ ବୁଡବୁଡି । ୩ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

ଲେଟ ବୁପରା ବଏଲା ଜେ ରେ ମୁଇଁ ତ ଅସ୍ତବଁକା
ମୁଇଁ ଥିଲେ କେଁଚି ହେବା ନେଇଁ ଥେ ଆର ସଁକା  । ୪ ।
ଢେଁକି ଦେ ଚମକେଇ ଲୋ ସାମ କୁଟେ ଧାନ
ଢେଁକିର ଉପରେ ଦୁଇ ସଁତେନ ଖାଏଲେ ବଂଗଲା ପାନ ।

**** ***** ***** ***** *****